# ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ, ଗାନ୍ଧୀବାଦୀ, ସମାଜସେବୀ ଓ ପ୍ରାକ୍ତନ ମନ୍ତ୍ରୀ ଶ୍ରୀଯୁକ୍ତ ଦୋଳ ଗୋବିନ୍ଦ ପ୍ରଧାନ ମହାଶୟଙ୍କ ସହିତ ସାକ୍ଷାତକାର ।

ସାକ୍ଷାତ କରିଥିଲେ ଡକ୍ଟର ପ୍ରମୋଦ ଚନ୍ଦ୍ର ଦାଶ


**(ସ୍ୱାଧୀନତା ସଂଗ୍ରାମୀ ଦୋଳ ଗୋବିନ୍ଦ ପ୍ରଧାନଙ୍କର ଜନ୍ମ ୨୮ ଜୁନ ୧୯୨୯ ମସିହାରେ । ଭାରତଛାଡ଼ ଅନ୍ଦୋଳନରେ ଯୋଗ ଦେଇ ସେ ୧୯୪୨-୪୫ ପର୍ଯ୍ୟନ୍ତ ଜେଲ ଯାଇଥିଲେ । ଗ୍ରାମ ପଞ୍ଚାୟତ ଓ ପ୍ରାଦେଶିକ କଂଗ୍ରେସ ସଂଗଠନର ବିଭିନ୍ନ ପଦବୀରେ ରହି ପରେ ୧୯୮୦ରୁ ୧୯୯୦ ମସିହା ପର୍ଯ୍ୟନ୍ତ ବିଧାନସଭା ସଦସ୍ୟ ଓ ମନ୍ତ୍ରୀଭାବରେ ଦାୟିତ୍ୱ ସମ୍ପନ୍ନ କରିଥିଲେ । ଗାନ୍ଧୀବାଦରେ ବିଶ୍ୱାସୀ ଏବଂ ଗାନ୍ଧୀଙ୍କୁ ଭଗବାନ ରୂପେ ଏବେବି ମାନୁଥିବା ସ୍ୱାଭୀମାନୀ ଦୋଳଗୋବିନ୍ଦବାବୁ ନୀତି ସହ କେବେ ବି ସାଲିସ କରି ନଥିଲେ । ସତେ ଯେମିତି ପଦବୀ ତାଙ୍କୁ ପାଇ ଗୌରାବାନ୍ୱିତ ହୋଇଛି କିନ୍ତୁ ସେ ପଦବୀର ଦାସତ୍ୱ ବରଣ କରି ନାହାନ୍ତି ।)**

ପ୍ର.ଦାଶ- ଏଇ ବର୍ଷ ଆମେ ୭୦ତମ ସ୍ୱାଧିନତା ଦିବସ ପାଳନ କରିବାକୁ ଯାଉଛୁ । ବର୍ତ୍ତମାନର ସାମାଜିକ ସ୍ଥିତିରେ ଆମେ ସମସ୍ତେ ପ୍ରାୟ ଅଣ ନିଶ୍ୱାସୀ ହୋଇ ଗଲୁଣି । ସ୍ୱାଧୀନତା ସଂଗ୍ରାମୀ ଭାବରେ ଆପଣ ଏହାକୁ କିପରି ଅନୁଭବ କରୁଛନ୍ତି ?

ଦୋ.ପ୍ରଧାନ-ଯଦି ମହାତ୍ମାଗାନ୍ଧୀ ଭାରତ ବର୍ଷରେ ସ୍ୱାଧିନତା ହାସଲ ଲାଗି ଅହିଂସା ମାର୍ଗର ଅବଲମ୍ବନ କରି ନଥାନ୍ତେ ତାହା ହେଲେ ଭାରତ ବର୍ଷ ବ୍ରିଟିଶ୍ ସରକାରଙ୍କ କବଳରୁ ମୁକ୍ତ ହୋଇ ପାରି ନଥାନ୍ତା । ସ୍ୱାଧିନତା ଯଦି ଅର୍ଜନ ନ ହୋଇଥାନ୍ତା ତା ହେଲେ ଭାରତ ବର୍ଷ ଆଜି କେଉଁ ଦୁର୍ଦ୍ଦିନରେ ଗତି କରୁଥାଆନ୍ତା ତାହା ଆଧୁନିକ ଯୁବ ପିଢ଼ିର କଳ୍ପନାର ବାହାରେ । ଯେଉଁ ଆଦର୍ଶକୁ ନେଇ ଗାନ୍ଧିଜୀ ଗ୍ରାମ ସ୍ୱରାଜ ଓ ରାମରାଜ୍ୟ ପ୍ରତିଷ୍ଠା କରିବାକୁ ଆଶାୟୀ ହୋଇଥିଲେ ତାହା ବାସ୍ତବ ରୂପ ନେଇ ପାରିଲା ନାହିଁ । ଯଦି ଗାନ୍ଧିଜୀଙ୍କର ନୀତି ଆଦର୍ଶରେ ଦେଶ ପରିଚାଳିତ ହୋଇଥାନ୍ତା ତେବେ ଆଜି ଯେଉଁ ଦୁର୍ଦ୍ଦିନ ଭିତରେ ଦେଶ ଗତି କରୁଛି ତାହା ସମ୍ଭବପର ହୋଇ ନଥାନ୍ତା ।

ପ୍ର.ଦାଶ- ସେ ସମୟର ରାଜନେତା ଏବଂ ଏବେକାର ରାଜନେତାଙ୍କ ମଧ୍ୟରେ କଣ ପାର୍ଥକ୍ୟ ଆପଣ ଲକ୍ଷ୍ୟ କରୁଛନ୍ତି ?

ଦୋ.ପ୍ରଧାନ-ସେ ସମୟର ରାଜନେତା ଅହିଂସା ମାର୍ଗରେ ଭାରତ ମାତାଙ୍କୁ ପରାଧିନତାର ଶୃଙ୍ଖଳରୁ ମୁକ୍ତ କରିବା ପାଇଁ ଯେଉଁ ସଂଗ୍ରାମ କରୁଥିଲେ ସେ ସଂଗ୍ରାମ ହେଉଛି ସ୍ୱାଧିନତା ସଂଗ୍ରାମ - ଯାହା ଥିଲା ତ୍ୟାଗ ଏବଂ ତପସ୍ୟାର ଲୀଳାଭୂମି । କିନ୍ତୁ ବର୍ତ୍ତମାନ ଯେଉଁ ରାଜନୀତି ଚାଲିଛି ତାହା ରାଜନୀତି ନାମରେ ରାଜକୋଷକୁ ଲୁଣ୍ଠନ କରିବା , ରାଜନୈତିକ କାରଣ ଦର୍ଶାଇ ରାଜନୈତିକ ଦଳ ନିଜର ସ୍ୱାର୍ଥ ସାଧନ କରୁଛନ୍ତି । ସେମାନଙ୍କ ମଧ୍ୟରେ ସେବା ମନୋଭାବର ଅଭାବ ପରିଲକ୍ଷିତ ହେଉଛି ।



ପ୍ର.ଦାଶ-ଆପଣ ଗାନ୍ଧୀଙ୍କର ଆଦର୍ଶରେ ଅନୁପ୍ରାଣିତ । ଗାନ୍ଧିଜୀଙ୍କ ସହ ଆପଣଙ୍କର କେବେ ସାକ୍ଷାତ ହୋଇଛି କି ଏବଂ ସେ ସମୟରେ ଆପଣଙ୍କର ଅନୁଭୂତି କ'ଣ ଥିଲା ?

ଦୋ.ପ୍ରଧାନ-୧୯୪୬ ମସିହାରେ ଗାନ୍ଧିଜୀ କଲିକତାରୁ ମାନ୍ଦ୍ରାଜ ଯିବା ସମୟରେ କଟକ ରେଳ ଷ୍ଟେସନରେ ପ୍ରବଳ ଜନଗହଳି ହେତୁ ଗାନ୍ଧିଜୀ ସେହି ରେଳ ଡବା ଭିତରେ ବସି ସମସ୍ତଙ୍କୁ ଦର୍ଶନ ଦେଉଥିଲେ । ସେତିକିବେଳେ ଜନଗହଳି ଭିତରେ ରେଳ ବଗିରେ ବସିଥିବା ଗାନ୍ଧିଜୀଙ୍କୁ ମୁଁ ଦେଖା କରିଛି । ଗାନ୍ଧିଜୀଙ୍କ ଦ୍ୱାରା ପ୍ରଭାବିତ ହେବାର କାରଣ - ୧୯୩୮ ମସିହାରେ ସ୍କୁଲରେ ପାଠ ପଢୁଥିବା ବେଳେ ଥରେ ମତେ ଜର ହୋଇଥାଏ, ଜର ଛାଡୁ ନ ଥାଏ । ସ୍କୁଲକୁ ଯିବା ଅବସ୍ଥାରେ ନ ଥାଏ । ଅପରାହ୍ନ ୪ଟା ସମୟରେ ମୋ ବୋଉ ବାପାଙ୍କୁ କହିଲା ମୁଁ ଟିକେ ପୋଖରୀ ପାଣି କରି ଆସୁଛି । ପୁଅ ପାଖରେ ବସିଥା । ବୋଉ ପୋଖରୀପାଣି ସାରି ଏକ ସାରୁ ପତ୍ର ଛିଣ୍ଡାଇ ଆଣିଥିଲା । ସେ ସାରୁ ପତ୍ରଟି ଦେଖାଇ କହିଲା ଏଇଟା କଣ ?

ମୁଁ କହିଲି ସାରୁ ପତ୍ର। ସାଧାରଣତଃ ସାରୁ ପତ୍ରର ଗୋଟିଏ ନୋଳା ଭଳି ଦାଗ ଥାଏ। ସେ ଗାରଟି ଦେଖାଇ ସେ କହିଲା ଏ ନୋଳା ଦାଗ କାହିଁକି ହୋଇଛି ? ମୁଁ ଜାଣିନାହିଁ ବୋଲି କହିଲି। ବୋଉ କହିଲା, 'ଗାନ୍ଧି ଭଗବାନ। ବ୍ରିଟିଶ ସରକାର ତାଙ୍କୁ ବାଡ଼େଇଛି ବୋଲି ଏ ସାରୁପତ୍ରରେ ନୋଳାର ଚିହ୍ନ ହୋଇଯାଇଛି। ତୁ ଗାନ୍ଧୀଙ୍କୁ ସୁମରଣା କରି ମୁଣ୍ଡିଆ ମାରିଲେ ତୋର ଜର ଭଲ ହୋଇଯିବ'। ଗାନ୍ଧୀ ଭଗବାନ ପରି ଶୁଣି ବୋଉ କଥା ମାନି ମୁଁ ଆଣ୍ଠୁମାଡ଼ି ମୁଣ୍ଡିଆ ମାରିଲି। ତା ପରଦିନ ଠାରୁ ମୋର ଜର ଛାଡ଼ି ଗଲା। ୧୯୪୨ ମସିହାରେ ଗାନ୍ଧୀ ଭାରତଛାଡ଼ ଆନ୍ଦୋଳନ ଡାକରା ଦେଇ ଥାଆନ୍ତି। ମୁଁ ସେତିକି ବେଳେ ବର୍ତ୍ତମାନର ରତ୍ନାକର ବିଦ୍ୟାମନ୍ଦିର ବିରିବାଟୀଠାରେ ପାଠ ପଢୁଥାଏ। ପ୍ରାୟ ୩ଟା ସୁଦ୍ଧା ରଉଳିଆଗଞ୍ଜର ଦଳେ କଂଗ୍ରେସ କର୍ମୀ ସ୍କୁଲରେ ସତ୍ୟାଗ୍ରହ କରି କହିଲେ ଗାନ୍ଧିଜୀଙ୍କୁ ବ୍ରିଟିଶ୍ ଗିରଫ କରିନେଇଛି। ଭାରତ ବର୍ଷର ସବୁ ନେତାମାନଙ୍କୁ ଗିରଫ କରି ନେଇଛି। ଗାନ୍ଧୀ କହି ଯାଇଛନ୍ତି ଏ ସବୁ ବ୍ରିଟିଶ ସରକାରଙ୍କ ଗୋଲାମି ସ୍କୁଲ। ଏଠି ପାଠ ପଢ଼ ନାହିଁ। ସ୍କୁଲ ଛାଡ଼ି ଚାଲିଆସ। ଗାନ୍ଧିଜୀ ଭଗବାନ, ତାଙ୍କୁ ବ୍ରିଟିଶ ସରକାର ଗିରଫ କରିଛି ଏ କଥା ମୁଁ ଶୁଣିଲା ପରେ ସ୍କୁଲରେ ବହି ବସ୍ତାନୀ ରଖି ସେମାନଙ୍କ ସହିତ ସ୍ୱାଧିନତା ସଂଗ୍ରାମରେ ଯୋଗଦେଲି। ପୁଣି ୧୯୪୫ ମସିହାରେ ପୋଡ଼ାଜଳା କାର୍ଯ୍ୟରେ ସେମାନଙ୍କ ସହ ସାମିଲ ହେଲି ଓ ଗିରଫ ବି ହେଲି।

ପ୍ର.ଦାଶ- ଆପଣଙ୍କର ଜେଲ ଯିବାର ଅନୁଭୂତି ବିଷୟରେ କିଛି କୁହନ୍ତୁ ?

ଦୋ.ପ୍ରଧାନ-ଗିରଫ ହୋଇ କଟକ ଜେଲରେ ପ୍ରଥମେ ରହିଲି। ୨ ମାସ ପରେ ମତେ ବ୍ରହ୍ମପୁର କେନ୍ଦ୍ରୀୟ ଜେଲକୁ ବଦଳି କରି ନିଆଗଲା। ମୋତେ ଜେଲରେ ୬ ମାସ ସଶ୍ରମ କାରାଦଣ୍ଡ ଦିଆଗଲା। ୬ ମାସ ପୂରିବା ଦିନ ଜେଲରୁ ଖଲାସ ପାଇଁ ନିର୍ଦ୍ଦେଶ ମିଳିଲା। ମୁଁ ଜେଲ ଗେଟ୍‌ରେ ପହଞ୍ଚିଲା ପରେ ବାହାର ଗେଟ ଖୋଲାଗଲା। ୪ ଜଣ ପୋଲିସ ଅଫିସର ଜେଲ୍ ଗେଟ୍ ଭିତରେ ପ୍ରବେଶ କରି 'ତୁମ ନାମ ଦୋଳ ଗୋବିନ୍ଦ ପ୍ରଧାନ କି ବୋଲି ପଚାରିଲେ।' ମୁଁ ହଁ କହିବା ପରେ ପୋଲିସ ବାଲା ମାନେ କହିଲେ ତୁମକୁ ଭାରତ ରକ୍ଷା ଆଇନ ବଳରେ ଗିରଫ କରାଗଲା। ପୁଣି ଘରକୁ ଫେରିବା ପରିବର୍ତ୍ତେ ଜେଲ ଭିତରେ ଅଟକବନ୍ଦୀ ଭାବରେ ରହିବାକୁ ହେଲା। ସେଇ ସମୟରେ ବହୁ ବରିଷ୍ଠ ନେତୃମଣ୍ଡଳୀ ରହୁଥିବା ଅଟକ ବନ୍ଦୀ ଶିବିରକୁ ମୋତେ ନିଆଗଲା। ମୁଁ ସେହିଠାରେ ଅଟକ ବନ୍ଦୀ ହୋଇ ରହିଲି। ମୋର ଜେଲ ଜୀବନର ୩ ବର୍ଷ ୨ମାସ ପୂର୍ତ୍ତି ହେଲାପରେ ଜେଲରୁ ଖଲାସ ହୋଇ ଆସିଲି।

ସ୍ୱାଧିନତା ସଂଗ୍ରାମ ସମୟରେ ଜାତୀୟ କବି ବୀରକିଶୋର ଦାସ ଯେଉଁ ଜାତୀୟ ସଙ୍ଗୀତ ରଚନା କରୁଥିଲେ ସେ ସବୁ ଶୁଣି ସଂଗ୍ରାମୀମାନେ ଆନନ୍ଦରେ ପତଙ୍ଗ ଅଗ୍ନିରେ ଝାସ ଦେବା ପରି ଆବାଳ ବୃଦ୍ଧବନିତା ସ୍ୱାଧିନତା ସଂଗ୍ରାମରେ ଝାସ ଦେଉଥିଲେ। ଜାତୀୟ କବିଙ୍କର ସମସ୍ତ ଲେଖାକୁ ସଂଗ୍ରହ କରି ରଖିବାର ବି ପ୍ରୟାସ କରିଥିଲି। ମୁଁ ଗାନ୍ଧିଜୀଙ୍କ ପରିକଳ୍ପିତ ଗ୍ରାମ ପଞ୍ଚାୟତ ଅନୁଷ୍ଠାନରେ ୱାର୍ଡ଼ ମେମ୍ବର, ନାଏବ ସରପଞ୍ଚ, ସରପଞ୍ଚ, ଭାଇସ ଚ୍ୟାୟାରମ୍ୟାନ୍,ଏମ ଏଲ ଏ ଏବଂ ପରେ ମନ୍ତ୍ରୀ ଭାବରେ ଜୀବନ ବିତାଇଛି।

ପ୍ର.ଦାଶ- ବର୍ତ୍ତମାନ ରାଜକୋଷରେ ପ୍ରଚୁର ଅର୍ଥର ବ୍ୟବସ୍ଥା ଅଛି। ପଞ୍ଚାୟତସ୍ତରରୁ ସାଂସଦ ପର୍ଯ୍ୟନ୍ତ ବିଭିନ୍ନ ପାଣ୍ଠି ମାଧ୍ୟମରେ ଖର୍ଚ୍ଚ କରା ଯାଉଛି। ସେ ଗୁଡ଼ିକର ସଦୁପଯୋଗ ହୋଇଛି ବୋଲି ଆପଣ ଭାବୁଛନ୍ତି କି ?

ଦୋ.ପ୍ରଧାନ- ତାର ସଦୁପଯୋଗ ମୋଟେ ହେଉନି। ମୁଁ ଏହିଠାରେ ମନେ ପକାଇ ଦେବାକୁ ଚାହୁଁଛି -୧୯୮୫ ମସିହାରେ ତତ୍କାଳୀନ ଭାରତ ବର୍ଷର ପ୍ରଧାନ ମନ୍ତ୍ରୀ ସ୍ୱର୍ଗୀୟ ରାଜୀବ ଗାନ୍ଧୀ ବମ୍ବେ ଅଧିବେଶନରେ କହିଥିଲେ- ଦେଶର ପଞ୍ଚବାର୍ଷିକ ଯୋଜନାରେ ଯେତେ ଅର୍ଥ ବିନିଯୋଗ କରାଯାଉଛି, ତାର ୧୫ ଶତକଡ଼ା ଖର୍ଚ୍ଚ ହୋଇ ୮୫ ଭାଗ ବାଟ ମାରଣା ହେଉଛି। ସେହି ଅର୍ଥ ଯଦି ବାଟ ମାରଣା ହୋଇ ନଥାନ୍ତା ତାହା ହେଲେ ଭାରତ ବର୍ଷ କିଭଳି ସୁଖ ସ୍ୱଚ୍ଛନ୍ଦରେ ଥାଆନ୍ତା ତାହା କଳନା କରାଯାଇ ପାରେ।

ଦୋ.ପ୍ରଧାନ-ଯଦି ବର୍ତ୍ତମାନର ଗୋଟିଏ ପଞ୍ଚାୟତରେ ଜଣେ ଜଣେ ଯୁବକ ତ୍ୟାଗ ମନୋବୃତ୍ତି ନେଇ ବାହାରି ପଡ଼ିବେ ତାହେଲେ ବର୍ତ୍ତମାନର ବିଧାୟକ, ସାଂସଦ ଏବଂ ଶାସକବର୍ଗ ମିଶି ଦେଶକୁ ଯେପରି ରସାତଳକୁ ନେଉଛନ୍ତି, ତାହାକୁ ସଂପୂର୍ଣ୍ଣ ଭାବେ ବଦଳାଇ ଦିଅନ୍ତେ। ଏଠାରେ ଗୋଟିଏ କଥା ମନେ ପକାଉଛି। ୧୯୬୨ ମସିହାରେ ପାରାଦ୍ୱୀପ ନବ ନିର୍ମିତ ପୋର୍ଟର ଶୁଭଦାନ ଉତ୍ସବରେ ଯୋଗ ଦେଇ ତତ୍ କାଳୀନ ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ ଓଡ଼ିଶାରେ ଯେତିକି ଖଣିଜ ସମ୍ପଦ ଅଛି ତାକୁ ଯଦି ସଦୁପଯୋଗ କରାଯାଇ ପାରିବ ତେବେ ବର୍ତ୍ତମାନର ଧନୀରାଷ୍ଟ୍ର ବୋଲାଉଥିବା ଆମେରିକାଠାରୁ ଭାରତ ୧୦ଗୁଣ ଅଧିକ ଧନୀ ହୋଇ ପାରିବ।

ପ୍ର.ଦାଶ-ଆପଣଙ୍କ ଲିଖିତ ଲୋକପ୍ରିୟ ବହି 'ଗାନ୍ଧୀକଥା' ଓ 'ମହାତ୍ମା ଗାନ୍ଧିଜୀଙ୍କ ପରିକଳ୍ପିତ ସମ୍ବିଧାନ ଓ ଗାନ୍ଧିଜୀଙ୍କ ବାଣୀ'ଲେଖିବାକୁ ପ୍ରେରଣା କେଉଁଠାରୁ ପାଇଥିଲେ ?

ଦୋ.ପ୍ରଧାନ- କଂଗ୍ରେସର ୧୨୫ବର୍ଷ ପୂର୍ତ୍ତୀ ନିମନ୍ତେ ନିଖିଳ ଭାରତ କଂଗ୍ରେସ କମିଟିରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିକୁ ଗୋଟିଏ ଚିଠି ଆସିଲା। ତତ୍କାଳୀନ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଥିଲେ ପୂର୍ବତନ ସାଂସଦ ଓ କେନ୍ଦ୍ରମନ୍ତ୍ରୀ ବ୍ରିଗେଡ଼ିଅର କାମାକ୍ଷା ପ୍ରସାଦ ସିଂହଦେବ। ସେ ମୋତେ ଡାକି ସେ ଚିଠିଟି ଦେଖାଇ ତାକୁ କିଭଳି କାର୍ଯ୍ୟ କରିବା ସେ ବିଷୟରେ ପଚାରିଲେ। ଇଂରେଜୀରେ ଲେଖାଥିବା ଚିଠି ମଧ୍ୟରେ 'ଅତୀତର ନିଅଁ ଉପରେ ଭବିଷ୍ୟତର ନିର୍ମାଣ' ଏହି ବାକ୍ୟଟି ମୋତେ

ଆକୃଷ୍ଟ କଲା । ଭାରତବର୍ଷ ସ୍ୱାଧିନତା ପାଇବାରେ ଅତୀତର ନିଅଁ ହେଉଛନ୍ତି ମହାତ୍ମାଗାନ୍ଧୀ ।

ଓଡ଼ିଶାର ସ୍ୱାଧିନତା ସଂଗ୍ରାମ ବାବଦରେ କେନ୍ଦ୍ରର ଗାନ୍ଧୀ ସଂଗ୍ରହାଳୟ ଦେଖିବାକୁ ଯାଇ ଜାଣିଲି ଯେ ଓଡ଼ିଶାର ଐତିହାସିକ ସ୍ୱାଧିନତା ସଂଗ୍ରାମ ବାବଦରେ କୌଣସି ଲେଖା ସେଠାରେ ଗଚ୍ଛିତ ନାହିଁ । ସେହି ଭାବନାକୁ ପାଥେୟ କରି 'ଗାନ୍ଧୀକଥା' ଯାହାର ଫଳପ୍ରସୂତ । ଏଥିରେ ଭାରତ ବର୍ଷରେ ବ୍ରିଟିଶ ବିରୁଦ୍ଧରେ ହୋଇଥିବା ସଂଗ୍ରାମ ଓ ଓଡ଼ିଶାରେ ହୋଇଥିବା ସ୍ୱାଧିନତା ସଂଗ୍ରାମକୁ ଏକତ୍ରିତ କରି ଗାନ୍ଧୀକଥା ସଂକଳନ ପ୍ରକାଶ ପାଇଛି । ଏହା ଯଦି ଇଂରେଜୀରେ ଅନୁବାଦ କରାଯାଇ କେନ୍ଦ୍ର ସ୍ୱାଧିନତା ସଂଗ୍ରହାଳୟରେ ରଖାଯାଇ ପାରନ୍ତା ତା ହେଲେ ଭବିଷ୍ୟତର ପିଢ଼ି ଓଡ଼ିଶାରେ ସ୍ୱାଧିନତା ଆନ୍ଦୋଳନ ବାବଦରେ କିଛି ଜ୍ଞାନ ଆହରଣ କରିପାରନ୍ତେ, ଏଥିରେ ସନ୍ଦେହ ନାହିଁ ।

ପ୍ର.ଦାଶ-ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଉପରେ ଆପଣଙ୍କର ମତାମତ କ'ଣ ?

ଦୋ.ପ୍ରଧାନ-ଗାନ୍ଧିଜୀ ସ୍ୱରାଜ, ସ୍ୱାଭିମାନ ଓ ସ୍ୱାବଲମ୍ୱନ ଉପରେ ଗୁରୁତ୍ୱ ଦେଉଥିଲେ । ଆମେ ଯଦି ସ୍ୱାବଲମ୍ୱନଶୀଳ ହୋଇପାରିବାନି ଏବଂ ସ୍ୱାଭିମାନୀ ନ ହେବା, ତେବେ ଦେଶର ପ୍ରଗତି ହୋଇପାରିବ ନାହିଁ । ତେଣୁ ଆଜିର ଶିକ୍ଷା ବ୍ୟବସ୍ଥାରେ ସ୍ୱାଭିମାନ ଓ ସ୍ୱାବଲମ୍ୱନଶୀଳତା ଉପରେ ଗୁରୁତ୍ୱ ଦେଇ ସରକାର ଶିକ୍ଷା ପ୍ରବର୍ତ୍ତନ କରିବାର ଆବଶ୍ୟକତା ଅଛି । ଗାନ୍ଧୀଙ୍କ ଆଦର୍ଶରେ ଦେଶ ପରିଚାଳିତ ନ ହେବା ଦ୍ୱାରା ଆଜି ଦେଶର ଏ ଦୁର୍ଦ୍ଦଶା ।

---

# ଦଣ୍ଡ



ବନମାଳୀ ବେହେରା

ଜୁଭେନାଇଲ କୋର୍ଟ (ବାଳ ଅପରାଧୀ ବିଚାରାଳୟ) ରେ ପୋଲିସ ଗୋଟିଏ ୫/୬ ବର୍ଷର ଛିଣ୍ଡା ଜାମା ପ୍ୟାଣ୍ଟ ପିନ୍ଧିଥିବା ବାଳକକୁ ହାଜର କରାଇଲା । ବିଚାରାଳୟର ପରିବେଶ ବେଶ୍ ଘରୁଆ । ବିଚାରପତି ସ୍ନେହପୂର୍ଣ୍ଣ କୋମଳ ସ୍ୱରରେ ପିଲାଟିର ମୁଣ୍ଡରେ ହାତ ବୁଲେଇ ପଚାରିଲେ, ତୁ କଣ କରିଛୁ କହିଦେ । ସତ କହିବୁ । ପିଲାଟି ଆଖି ଲୁହ ଛଳଛଳ କରି କହିଲା,ଆଜ୍ଞା ! ମୋ ବାପାଙ୍କୁ ତିନିଦିନ ହେଲାଣି ଜର । ସେ କାମକୁ ଯାଇ ପାରୁ ନାହାନ୍ତି । ଆମେ ଦି ଦିନ ହେଲା ଖାଡ଼ା ଉପାସ । ଭୋକ ସହି ନ ପାରି ଜଣକର ଗୋଦାମରୁ ପୁଟୁଳିଏ ଚାଉଳ ବାନ୍ଧି ନେଇ ଆସିଥିଲି ଆମେ ଖାଇବା ପାଇଁ । ଏହାଛଡ଼ା ଆଉ କିଛି କରିନାହିଁ । ବିଚାରପତି ଏହା ଶୁଣି ସ୍ତବ୍ଧ ହୋଇଗଲେ । ପାଖରେ ବସିଥିବା ଅନ୍ୟ ଜଣେ ବିଚାରପତି କହିଲେ, ଯେଉଁ ଦେଶରେ ପିଲାଟେ ଭୋକ ବିକଳରେ ଚାଉଳ ଚୋରି କରିବାକୁ ବାଧ୍ୟ ହେଲା, ତାକୁ ଦଣ୍ଡ କିପରି ଦିଆଯିବ ?

ଭଗବତୀ ସ'ମିଲ ଲେନ୍,ଜଟଣୀ
ମୋ-୯୪୩୭୭୬୨୧୫୦

# ବିଫଳ ପିତୃତ୍ୱ



ଗୀତା ପଟ୍ଟନାୟକ

ବିଫଳ ବ୍ୟର୍ଥତା ଭରା
ଜୀବନ ନଉକା,
ଭାସିଯାଏ ଉତ୍ତାଳ ତରଙ୍ଗେ
ହରାଇ ଆହୁଲା ।
ସାମ୍ନାରୁ ମହାକାଳ
ହସିହସି ଆସେ,
କରିବାକୁ ଆଲିଙ୍ଗନ
ନେପଥ୍ୟେ ଚାହିଁଲେ ଫେରି
ବ୍ୟର୍ଥତାରେ ଭରିଯାଏ
ଏ ଅବୁଝା ମନ ।
ଅଙ୍ଗୁଳି ନିର୍ଦ୍ଦେଶ କରି
ଆଜି ଯେଉଁମାନେ
ଅଯୋଗ୍ୟ ପିତାର ଆଖ୍ୟା
ଦେଲେ କ୍ରୋଧ ମନେ,
ଏମାନେ ମୋ ଆତ୍ମଜ
ଦେଇ ପରିଚୟ,
ଗର୍ବେ ଫାଟିପଡୁଥିଲା ଦିନେ
ପିତାର ହୃଦୟ,
ଅନେକ ଆଶା ଆକାଂକ୍ଷା
ଏକତ୍ରିତ ହୋଇ ।
ମଥା ଟେକୁଥିଲା ପ୍ରାଣେ
ଜୀବନ୍ୟାସ ପାଇଁ
ସବୁ ଚୂର୍ଣ୍ଣିଭୂତ ହେଲା
ପଲକ ପାତରେ
ସତେ କିବା ବଜ୍ରାଘାତ
ଧରଣୀ ବୁକୁରେ
ଅପମାନିତ ଲାଞ୍ଛିତ
ପିତାର ହୃଦୟ
ବୁଝିବାକୁ ଅସମର୍ଥ
ଆଜିର ତନୟ ।

ଗଣ୍ଡମୁଣ୍ଡା,ଭୁବନେଶ୍ୱର
୯୯୩୮୧୩୨୩୭୦